HERE . NOW
OrissaPOST



**PC'S REVELATION**

Actor Priyanka Chopra, justifying her surrogacy move, reveals that it was a necessary step as she had medical complications LEISURE | P2



**SUNAK'S GOOF-UP**

Police look into a social media video wherein UK PM Rishi Sunak was seen not wearing a seatbelt while travelling in a car INTERNATIONAL | P10



**SECOND ODI TODAY**

India look to seal three-match series against New Zealand when they take the field for the second ODI SPORTS | P12

VOLUME 12, ISSUE 291 | www.orissapost.com BHUBANESWAR | SATURDAY, JANUARY 21 | 2023 12 PAGES | ₹5.00

# Tribal library, research centre soon at CUO

POST NEWS NETWORK

**Bhubaneswar, Jan 20:** The Central University of Odisha, located in Koraput, is optimistic to set up a world-class tribal library, archaeological museum and research institute in its premises.

CUO vice-chancellor Chakradhar Tripathy felt optimistic about this after he met President Droupadi Murmu at Rashtrapati Bhavan Thursday.

The varsity has proposed to open a world-class tribal library, archaeological museum and research institute in Koraput.

"There was a positive discussion with the President of India in this regard and she appreciated the academic initiative of the vice chancellor," an official note said.

Tripathy is quite optimistic that the centre will be set up in the university as soon as possible and it will help in conservation of and research on the language, culture



and knowledge of the tribal people of the region and from across the country.

The university is also trying to engage international researchers to conduct research on indigenous cow milk, which has the potential to kill cancer cells as described in the Veda, the official note said.

The varsity sources said that in a bid to promote sports in the university, a permanent sports pro-

**The centre will help in conservation of and research on the language, culture and knowledge of tribal people of the region and from across the country**

fessor is being appointed.

It is pertinent to mention here that most of the posts of permanent teachers and staff in the university have not been filled up. The lack of senior teachers has affected a lot in the teaching and learning process.

In view of all this, the university is in the process of appointing senior visiting professors in various departments in an effort to make qualitative academic teaching and learning. The university is going to publish an advertisement very soon to fill up the posts of permanent teachers and staff.

THURSDAY
19 JANUARY
2023
The Statesman
Pages 12 | ₹ 5.00 | LC
KOLKATA | NEW DELHI | SILIGURI | BHUBANESWAR
PEOPLE'S PARLIAMENT, ALWAYS IN SESSION
www.thestatesman.com
Thu, 19 January 2023

# CUO VC calls on Prez Murmu

## Proposes world class tribal library, museum

**STATESMAN NEWS SERVICE**
BHUBANESWAR, 19 JANUARY:

Prof. Chakradhar Tripathy, Vice Chancellor, Central University of Odisha called on President Droupadi Murmu at Rashtrapati Bhavan on Wednesday and proposed to open a world-class tribal library, archaeological museum and research institute in Koraput.

It is pertinent to mention here that most of the posts of permanent teachers and staff in the university have not been filled up. The lack of senior teachers has affected a lot in the teaching and learning process.

In view of all this, the university is in the process of appointing senior visiting professors in various departments in an effort to make qualitative academic teaching and learning.

The university is going to publish an advertisement as soon as possible to fill up the



posts of permanent teachers and staff.

In order to promote sports in the university, a permanent sports Professor is being appointed. To take the university sports to the international level, Prof. Jatinkumar Harjivandas Soni, former Vice-Chancellor of Swarnim Gujarat Sports University, is being appointed the Visiting Professor.

The University is also trying to engage international researchers to conduct research on indigenous cow milk, which is expected to cure the cancer disease described in the Veda.

DHARITRI
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ (୧୬+୪ ପୃଷ୍ଠା) Bhubaneswar, Monday, January 23/2023 Page 20 ₹ 7.00 | RAYAGADA
୪୯ଶ ଭାଗ ୬୧ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 61 ମୂଲ୍ୟ ₹୭/-

# କୋରାପୁଟରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଆଦିବାସୀ ସଂଗ୍ରହାଳୟ

## ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି

କୋରାପୁଟ,୨୨।୧(ସ୍ୱ.ପ୍ର.)

କୋରାପୁଟରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଆଦିବାସୀ ସଂଗ୍ରହାଳୟ। ଏଥିସହ ପାଠାଗାର ଓ ଗବେଷଣା କେନ୍ଦ୍ର ମଧ୍ୟ ହେବ। ଏନେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଚକ୍ରଧର ତ୍ରିପାଠୀ ଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଏହି ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଆଦିବାସୀଙ୍କ ପରମ୍ପରା, ସଂସ୍କୃତି, ଐତିହ୍ୟ ସୁରକ୍ଷିତ ରହିବା ସହିତ ଭବିଷ୍ୟତ ପିଢିଙ୍କ ପାଇଁ ଉଜ୍ଜିବିତ ରହିପାରନ୍ତା ବୋଲି କୁଳପତି ତ୍ରିପାଠୀ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱସ୍ତରୀୟ ଆଦିବାସୀ ସଂଗ୍ରହାଳୟ, ଗବେଷଣାକେନ୍ଦ୍ର ତଥାର ଜନଜାତି ଲାଇବ୍ରେରି ପ୍ରତିଷ୍ଠା କରିବା ପାଇଁ ସେ ପ୍ରସ୍ତାବ ଦେଇଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ମଧ୍ୟ ଏହି ପ୍ରସ୍ତାବକୁ ସାକାର କରାଇବା ଦିଗରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା କୁଳପତି କହିଛନ୍ତି। ପ୍ରାୟ ୫୦ ଏକର ଜାଗାରେ ଏହି ପ୍ରସ୍ତାବକୁ ରୂପରେଖ ଦେବାପାଇଁ ବିଶ୍ୱବିଦ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। କୋରାପୁଟରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଐତିହ୍ୟ ଭବନରେ ସ୍ଥାପିତ ହୋଇଛି ରାଜ୍ୟର ଦ୍ୱିତୀୟ ଆଦିବାସୀ ସଂଗ୍ରହାଳୟ। ଏଥିରେ ସଂରକ୍ଷିତ ଥିବା ଆଦିବାସୀ ଜୀବନର ପ୍ରତିଛବିକୁ ଦେଖିବା ସହ ଦର୍ଶକ ଓ ଗବେଷକମାନେ କୋରାପୁଟରେ ଥିବା କୋଟ୍‌ସ (କାଉନସିଲ ଫର ଏନାଲିଟିକାଲ ଟ୍ରାଇବାଲ ଷ୍ଟଡିଜ) ଦ୍ୱାରା ଆଦିବାସୀ ଜନଜାତିଙ୍କ ଜୀବନଧାରା ଉପରେ ଗବେଷଣା କରୁଛନ୍ତି। ମାଲକାନାଗିରି ଜିଲାର ବଣ୍ଡା ଓ କୋୟା ଠାରୁ ଆରମ୍ଭ କରି ନବରଙ୍ଗପୁର ଜିଲାର ଗୋଣ୍ଡ, କୋରାପୁଟ ଜିଲାର କନ୍ଧ, ପରଜା, ଭତରା, ଗାଦବା, ଦୁରୁଆ ଏବଂ ରାୟଗଡା ଜିଲାର ସଉରା ଜନଜାତିର ଜୀବନ ଧାରା ଓ ତାଙ୍କର ଅଳଙ୍କାର, ଚାଲିଚଳଣି, ନାଚଗୀତ, ବସ୍ତ୍ର ଓ ଅସ୍ତ୍ରଶସ୍ତ୍ର ଆଦି ବିରଳ ବିଭବ ସମ୍ପର୍କରେ ବିସ୍ତୃତ ତଥ୍ୟ ଆଦିବାସୀ ସଂଗ୍ରହାଳୟରୁ ମିଳିପାରୁଛି।

Digital Edition
www.sambadepaper.com/sambad.in
SAMBAD
ସମ୍ବାଦ
BHUBANESWAR 20 JANUARY 2023 BHUBANESWAR

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ହେବ ଜନଜାତି ପାଠାଗାର

ଭୁବନେଶ୍ୱର, ୧୯/୧: ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଗତ ୧୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି କୋରାପୁଟରେ ଏକ ବିଶ୍ୱସ୍ତରୀୟ ଜନଜାତି ପାଠାଗାର, ସଂଗ୍ରହାଳୟ ଓ ଗବେଷଣା ପ୍ରତିଷ୍ଠାନ ଖୋଲିବାକୁ ପ୍ରସ୍ତାବ ଦେଇଛନ୍ତି। ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କ ସହ ଏକ ସକାରାତ୍ମକ ଆଲୋଚନା ହୋଇଛି। ଜନଜାତି ସମ୍ପ୍ରଦାୟର ଉନ୍ନତି ପାଇଁ କୁଳପତିଙ୍କ ପଦକ୍ଷେପକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ କୁଳପତି



ଏହି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧିକାଂଶ ସ୍ଥାୟୀ ଶିକ୍ଷକ ଓ କର୍ମଚାରୀଙ୍କ ପଦବି ପୂରଣ ହୋଇପାରି ନାହିଁ। ବରିଷ୍ଠ ଶିକ୍ଷକଙ୍କ ଅଭାବ ଯୋଗୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ତେଣୁ ବିଭିନ୍ନ ବିଭାଗରେ ଅଭିଜ୍ଞ ବରିଷ୍ଠ ଅତିଥି ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏଥିସହ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ଓ କର୍ମଚାରୀ ପଦବି ପୂରଣ ପାଇଁ ଖୁବ୍‌ଶୀଘ୍ର ବିଜ୍ଞାପନ ପ୍ରକାଶ ପାଇବ। ଖେଳକୁଦର ବିକାଶ ନିମନ୍ତେ ଜଣେ ସ୍ଥାୟୀ କ୍ରୀଡ଼ା ପ୍ରଫେସରଙ୍କୁ ନିଯୁକ୍ତି ସହ କ୍ରୀଡା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟକୁ ଅନ୍ତର୍ଜାତିକ ସ୍ତରରେ ପହଞ୍ଚାଇବା ପାଇଁ ସ୍ୱର୍ଣ୍ଣିମ ଗୁଜରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ କୁମାର ହର ଜୀବନଦାସ ସୋନିଙ୍କୁ ଅତିଥି ପ୍ରଫେସର ଭାବେ ବିଶ୍ୱବିଦ୍ୟାଳୟ ନିଯୁକ୍ତି କରିଛି। ତାଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ସଂକୁଳ (କମ୍ପ୍ଲେକ୍ସ) ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିସହ ବେଦରେ ବର୍ଣ୍ଣିତ ଦେଶୀ ଗାଈ କ୍ଷୀରର ବିଭିନ୍ନ ଉପକାରିତା ବିଷୟରେ ଜାଣିବା ପାଇଁ ବିଶ୍ୱବିଦ୍ୟାଳୟ ସ୍ୱଦେଶୀ ଗାଈ କ୍ଷୀର ଉପରେ ଗବେଷଣା କରିବା ପାଇଁ ଅନ୍ତର୍ଜାତୀୟ ଗବେଷକମାନଙ୍କୁ ନିୟୋଜିତ କରିବାକୁ ଉଦ୍ୟମ କରୁଛି।

ସକାଳ
THE SAKALA
Jeypore - 20 Jan 2023 - Page 3

# ଖୋଲିବ ଜନଜାତି ଗବେଷଣା ପ୍ରତିଷ୍ଠାନ



■ କୋରାପୁଟ,୧୯।୧(ସମିସ) : ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଗତ ୧୭ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି କୋରାପୁଟରେ ଏକ ବିଶ୍ୱସ୍ତରୀୟ ଜନଜାତି ଲାଇବ୍ରେରୀ, ସଂଗ୍ରହାଳୟ ଓ ଗବେଷଣା ପ୍ରତିଷ୍ଠାନ ଖୋଲିବାକୁ ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରସଙ୍ଗରେ ଭାରତର ରାଷ୍ଟ୍ରପତିଙ୍କ ▶ପୃଷ୍ଠା-୯

ସକାଳ
THE SAKALA
Jeypore - 20 Jan 2023 - Page 9

ଲମ୍ବ ପ୍ରାୟ ୧.୧୩ ମଟର। ଏ ନେଇ ଅଧକ ତଦନ୍ତ ଜାର ରହଛ।

# ଖୋଲିବ ଜନଜାତି...

ସହ ଏକ ସକାରାତ୍ମକ ଆଲୋଚନା ହୋଇଥିଲା । ରାଷ୍ଟ୍ରପତି ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ କୁଳପତିଙ୍କ ଏକାଡେମିକ୍ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟରେ ଆଦିବାସୀ କେନ୍ଦ୍ର ପ୍ରତିଷ୍ଠା ହେବ ଏବଂ ଏହା ଏହି ଅଞ୍ଚଳ ତଥା ଦେଶର ଆଦିବାସୀ ଲୋକଙ୍କ ଭାଷା, ସଂସ୍କୃତି ଏବଂ ଜ୍ଞାନ ଉପରେ ସଂରକ୍ଷଣ ତଥା ଅନୁସନ୍ଧାନ କ୍ଷେତ୍ରରେ ସହାୟକ ହେବ ବୋଲି ପ୍ରଫେସର ଶ୍ରୀ ତ୍ରିପାଠୀ ଆଶାବାଦୀ ଅଛନ୍ତି। ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ଏବଂ କର୍ମଚାରୀଙ୍କ ଅଧିକାଂଶ ପଦବୀ ପୂରଣ ହୋଇନାହିଁ । ବରିଷ୍ଠ ଶିକ୍ଷକଙ୍କ ଅଭାବ ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାରେ ବହୁତ ପ୍ରଭାବ ପକାଇଛି । ଏସବୁକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗରେ ବରିଷ୍ଠ ପରିଦର୍ଶକ ପ୍ରଫେସର ନିଯୁକ୍ତ କରିବା ପ୍ରକ୍ରିୟାରେ ରହିଛି, ଯାହା ଗୁଣାତ୍ମକ ଏକାଡେମିକ୍ ଶିକ୍ଷାଦାନ ଏବଂ ଶିକ୍ଷଣ ପାଇଁ ପ୍ରୟାସ କରୁଛି । ସ୍ଥାୟୀ ଶିକ୍ଷକ ଏବଂ କର୍ମଚାରୀଙ୍କ ପଦବୀ ପୂରଣ କରିବାକୁ ବିଶ୍ୱବିଦ୍ୟାଳୟ ଖୁବଶୀଘ୍ର ଏକ ବିଜ୍ଞାପନ ପ୍ରକାଶ କରିବାକୁ ଯାଉଛି ବୋଲି ବିଶ୍ୱବିଦ୍ୟାଳୟ ତରଫରୁ କୁହାଯାଇଛି । ଏହାଛଡ଼ା ବିଶ୍ୱବିଦ୍ୟାଳୟରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଜଣେ ସ୍ଥାୟୀ କ୍ରୀଡ଼ା ପ୍ରଫେସର ନିଯୁକ୍ତ ହେଉଛନ୍ତି । ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଆନ୍ତର୍ଜାତୀୟ ସ୍ତରକୁ ଆଣିବା ପାଇଁ ସ୍ୱର୍ଣ୍ଣିମ୍ ଗୁଜୁରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜତୀନ କୁମାର ହରଜିବନଦାସ ସୋନିଙ୍କୁ ଭିଜିଟ୍ ପ୍ରଫେସର ଭାବରେ ନିଯୁକ୍ତ କରାଯାଇଛି । ବର୍ତ୍ତମାନ ତାଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟରେ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲିଛି ।

103 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Friday 20 January 2023
- କୋରାପୁଟ, ଶୁକ୍ରବାର ୨୦ ଜାନୁଆରୀ ୨୦୨୩
- ଆଜି ମକର ୭ ଦିନ, ୧୪୩୦ ସାଲ
- ପୌଷ ୩୦ ଦିନ, ୧୯୪୪ ଶକାବ୍ଦ, କୃଷ୍ଣପକ୍ଷ ତ୍ରୟୋଦଶୀ
- ଭାଗ- ୯୪ ସଂଖ୍ୟା-୨୦
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୨୦ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।
ସାଙ୍ଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ।।
(ଗୀତା : ୧୮-୧୩)



ହେ ମହାବାହୁ ! କର୍ମମାନଙ୍କୁ ଅନ୍ତ କରିବାର ଉପାୟ କହୁଥିବା ସାଂଖ୍ୟଶାସ୍ତ୍ରରେ ସକଳ କର୍ମର ସିଦ୍ଧି ପାଇଁ ପାଞ୍ଚଟି କାରଣ କୁହାଯାଇଛି, ସେଗୁଡ଼ିକ ତୁମେ ମୋ ଠାରୁ ଭଲଭାବରେ ବୁଝିନିଅ ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଜନଜାତୀୟ ପାଠାଗାର, ସଂଗ୍ରହାଳୟ ଏବଂ ଗବେଷଣା କେନ୍ଦ୍ର



କୋରାପୁଟ/ସୁନାବେଡ଼ା, ୧୯।୧(କାର୍ଯ୍ୟାଳୟ/ନି.ପ୍ର.)- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଜନଜାତୀୟ ପାଠାଗାର, ସଂଗ୍ରହାଳୟ ଓ ଗବେଷଣାକେନ୍ଦ୍ର । ଏ ନେଇ ସବୁଜ ସଙ୍କେତ ମିଳିଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଗତ ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରି କୋରାପୁଟରେ ଏକ ବିଶ୍ୱସ୍ତରୀୟ ଜନଜାତି ଲାଇବ୍ରେରୀ, ସଂଗ୍ରହାଳୟ ଏବଂ ଜନଜାତି ଗବେଷଣା ପ୍ରତିଷ୍ଠାନ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ । ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କ ସହ ଏକ ସାକରାତ୍ମକ ଆଲୋଚନା ହୋଇଥିଲା ଏବଂ ରାଷ୍ଟ୍ରପତି ଜନଜାତି ସମ୍ପ୍ରଦାୟର ଉନ୍ନତି ପାଇଁ କୁଳପତିଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ରାଷ୍ଟ୍ରପତିଙ୍କ ଏଭଳି ସଙ୍କେତ ପରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାୟରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବା ନେଇ କୁଳପତି ଶ୍ରୀ ତ୍ରିପାଠୀ ଆଶାବାଦୀ ଅଛନ୍ତି । ଏହାଦ୍ୱାରା ଏ ଅଞ୍ଚଳ ତଥା ସମଗ୍ର ଦେଶରେ ଆଦିବାସୀ ଲୋକଙ୍କ ଭାଷା, ସଂସ୍କୃତି ଓ ଜ୍ଞାନ ଉପରେ ସଂରକ୍ଷଣ ଏବଂ ଗବେଷଣା କ୍ଷେତ୍ରରେ ସହାୟକ ହେବ ।

ଏଠାରେ ଉଲ୍ଲେଖଯୋଗ୍ୟ ବିଶ୍ୱବିଦ୍ୟାଳୟରେ ଅଧିକାଂଶ ସ୍ଥାୟୀ ଶିକ୍ଷକ ଓ କର୍ମଚାରୀଙ୍କ ପଦ ପୂରଣ ହୋଇପାରିନାହିଁ । ବରିଷ୍ଠ ଶିକ୍ଷକଙ୍କ ଅଭାବ ଯୋଗୁଁ ଶିକ୍ଷାଦାନ ଅନେକ କ୍ଷେତ୍ରରେ ପ୍ରଭାବିତ ହୋଇଛି । ଏସବୁକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ଶିକ୍ଷାଦାନକୁ ଉଚ୍ଚକୋଟୀର କରିବା ପ୍ରୟାସ ନେଇ ବିଭିନ୍ନ ବିଭାଗରେ ଅଭିଜ୍ଞ ବରିଷ୍ଠ ଅତିଥି ପ୍ରଫେସର ନିଯୁକ୍ତି କରିବାକୁ ପ୍ରକ୍ରିୟା ଜାରି ରଖିଛି । ଏହା ସହ ବିଶ୍ୱବିଦ୍ୟାଳୟ ସ୍ଥାୟୀ ଶିକ୍ଷକ ଓ କର୍ମଚାରୀଙ୍କ ପଦ ପୂରଣ ପାଇଁ ଯଥାଶୀଘ୍ର ବିଜ୍ଞାପନ ପ୍ରକାଶ କରିବାକୁ ଯାଉଛି । ବିଶ୍ୱବିଦ୍ୟାଳୟରେ ଖେଳକୁଦର ବିକାଶ ନିମନ୍ତେ ଜଣେ ସ୍ଥାୟୀ ସ୍ପୋର୍ଟ୍ସ ପ୍ରଫେସରଙ୍କୁ ନିଯୁକ୍ତି ଦେବା ସହ ସ୍ପୋର୍ଟ୍ସ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟକୁ ଆନ୍ତର୍ଜାତିକସ୍ତରରେ ପହଞ୍ଚାଇବା ପାଇଁ ସ୍ୱର୍ଣ୍ଣିମ ଗୁଜୁରାଟ କ୍ରୀଡା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜତିନକୁମାର ହର ଜୀବନଦାସ ସୋନିଙ୍କୁ ଅତିଥି ପ୍ରଫେସର ଭାବେ ନିଯୁକ୍ତ କରାଯାଉଥିବା ଜଣାଯାଇଛି । ତାଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହା ସହ ବେଦରେ ବର୍ଣ୍ଣିତ ଦେଶୀ ଗାଈ କ୍ଷୀରର ବିଭିନ୍ନ ଉପକାରିତା ବିଷୟରେ ଜାଣିବା ପାଇଁ ବିଶ୍ୱବିଦ୍ୟାଳୟ ସ୍ୱଦେଶୀ ଗାଈ କ୍ଷୀର ଉପରେ ଗବେଷଣା କରିବା ପାଇଁ ଆନ୍ତର୍ଜାତୀୟ ଗବେଷକଙ୍କୁ ନିୟୋଜିତ କରିବାକୁ ଚେଷ୍ଟା କରୁଥିବା ଜନସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

ପ୍ରମେୟ
THE PRAMEYA
digital edition
RNI REGD NO: ODIODI/2011/37619 - POSTAL REGD NO: BN/208/18-20
www.prameya.co
prameyaodia
prameyaodia
20 JANUARY 2023 FRIDAY
୨୦ ଜାନୁଆରୀ ୨୦୨୩ ଶୁକ୍ରବାର

## ରାଷ୍ଟ୍ରପତିଙ୍କ ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଆଲୋଚନା

# ପ୍ରତିଷ୍ଠା ହେବ ଜନଜାତି ସଂଗ୍ରହାଳୟ, ଗବେଷଣା କେନ୍ଦ୍ର !



ଜୟପୁର,୧୯।୧(ବ୍ୟୁରୋ): କୋରାପୁଟରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇପାରେ ବିଶ୍ୱସ୍ତରୀୟ ଜନଜାତି ଲାଇବ୍ରେରି, ସଂଗ୍ରହାଳୟ ଏବଂ ଗବେଷଣା କେନ୍ଦ୍ର। ଏହାକୁ ନେଇ ବେଶ ଆଶାବାଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ। ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, ଗତ ୧୭ ତାରିଖରେ ଶ୍ରୀ ତ୍ରିପାଠୀ ରାଷ୍ଟ୍ରପତି ଭବନରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜନଜାତି ପାଠାଗାର, ସଂଗ୍ରହାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ। ଆଲୋଚନା ସକରାତ୍ମକ ହୋଇଥିଲା ଏବଂ କୁଳପତିଙ୍କ ଏଭଳି ଉଦ୍ୟମକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ।

ଇସ୍ତାହାରରେ କୁହାଯାଇଛି ଯେ, ଏହି ବିଶ୍ୱବିଦ୍ୟାଳୟରେ ଅଧିକାଂଶ ଅଧ୍ୟାପକ ଓ କର୍ମଚାରୀ ପଦ ଖାଲି ରହିଛି। ବରିଷ୍ଠ ଅଧ୍ୟାପକଙ୍କ ଅଭାବ ଯୋଗୁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଏହାକୁ ଆଖିରେ ରଖି ବିଭିନ୍ନ ବିଭାଗରେ ଅଭିଜ୍ଞ ତଥା ବରିଷ୍ଠ ଭିଜିଟିଂ ପ୍ରଫେସର ନିଯୁକ୍ତି ଲାଗି ପ୍ରକ୍ରିୟା ଜାରି ରହିଛି। ଏଥିସହ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ଏବଂ କର୍ମଚାରୀ ପଦ ପୂରଣ ପାଇଁ ଯଥାଶୀଘ୍ର ବିଜ୍ଞାପନ ପ୍ରକାଶ ପାଇବାକୁ ଯାଉଛି। ବିଶ୍ୱବିଦ୍ୟାଳୟରେ ଖେଳକୁଦର ବିକାଶ ଲାଗି ଜଣେ ସ୍ଥାୟୀ ସ୍ପୋର୍ଟସ୍ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଛି। ଅନୁଷ୍ଠାନକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ ଗୁଜୁରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ କୁମାର ହର ଜୀବନଦାସ ସୋନିଙ୍କୁ ଭିଜିଟିଂ ପ୍ରଫେସର ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିସହ ଦେଶୀ ଗାଈ କ୍ଷୀରର ବିଭିନ୍ନ ଉପକାରିତା ସମ୍ପର୍କରେ ଜାଣିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗବେଷଣା ପାଇଁ ଅନ୍ତର୍ଜାତୀୟ ଗବେଷକମାନଙ୍କୁ ନିୟୋଜିତ କରିବାକୁ ଉଦ୍ୟମ ଜାରି ରହିଛି।